# ଜୟଗୁରୁ

## ନୀଳାଚଳ ସାରସ୍ୱତ ସଂଘ, ପୁରୀ

## ଶାଖା - ଆମେରିକା ସାରସ୍ୱତ ସଂଘ

ଜନ୍ମୋତ୍ସବ ବିଶେଷ ଅଧିବେଶନର କାର୍ଯ୍ୟସୂଚୀ

ତାରିଖ - ୦୮-୧୯-୦୫ **ସମୟ** - ସଂଧ୍ୟା ୮:୫୦-୧୦:୨୦ (ET) ପାଳିଆ - ରବି ଭାଇ

Phone Number – (702) 851-4040, Access Code – 52924878

| Time (ET) | ସନ୍ଧ୍ୟା ଅଧିବେଶନ (ସନ୍ଧ୍ୟା ୮:୫୦ ରୁ ୧୦:୨୦) | Evening session (8:50pm - 10:20pm) |
|---|---|---|
| 8:50 – 9:00 | ପ୍ରତୀକ୍ଷା - ଫୁଲ ସଞ୍ଜ ବେଳେ ବୃନ୍ଦାବନ ଭାଇ | Pratiksha – Phula Sanja Bele Brundaban bhai |
| 9:00 – 9:15 | ଆରତି | Aarati |
| 9:15 – 9:25 | ବନ୍ଦନା - ଗୁରୁ ନାରାୟଣ କରି ନିବେଦନ ସ୍ମିତା ବାଇ ମା' | Guru Narayana Smita Bai Maa |
| 9:25 – 9:35 | ସ୍ତୋତ୍ର ବନ୍ଦନା | Stotra Bandana |
| 9:35 – 9:40 | ନିଗମ ଉପଦେଶ ବିଜୟ ଭାଇ<br>(ନବବର୍ଷର ଆଶୀର୍ବାଦ, ପୃଷ୍ଠା ୧-୪) | Nigama Upadesha Bijoy Bhai<br>(Nababarshara Aashirbada, Pg. 1-4) |
| 9:40 – 9:50 | ସଙ୍ଗୀତ- ଧନ୍ୟ ଧନ୍ୟ ଗୁରୁଦେବ ଲିନା ମା' | Song – Dhanya Dhanya Leena Maa |
| 9:50 –10:05 | ଲୀଳା ପ୍ରସଙ୍ଗ ଜ୍ଞାନ ଭାଇ<br>(ସଂକ୍ଷିପ୍ତ ଜୀବନ କଥା, ପୃଷ୍ଠା ୩୫-୪୧ ) | Leela Prasanga Gyan Bhai<br>(Short Jeevani, Pg. 35-41 ) |
| 10:05 –10:10 | ଭାବ ବିନିମୟ ରବି ଭାଇ | Bhaaba Binimaya Rabi Bhai |
| 10:10 –10:11 | ଆସନ୍ତା ସଂଘପୂଜା ପାଇଁ ନିମନ୍ତ୍ରଣ ପ୍ରଭାକର ଭାଇ<br>(୮-୨୧-୦୫) | Invitation for the next puja Prabhakar Bhai<br>(8-21-05) |
| 10:11 –10:12 | ତ୍ରୁଟି ବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା ରବି ଭାଇ | Truti Bichyuti Rabi Bhai |
| 10:12 –10:17 | ବିଦାୟ ପ୍ରାର୍ଥନା - ମିଛେ ମିଛେ ଘୁରି ଶିବାନୀ ମା' | Miche Miche Ghuri Mare Sibani Mohanti Maa |
| 10:17 –10:18 | ଜୟଗୁରୁ ନାମ କୀର୍ତ୍ତନ ଓ ଆସନ ବନ୍ଦ | Jayaguru naama kirtana and closing of aasana |
| 10:18 –10:20 | ସଂଘସେବୀଙ୍କର ଉପସ୍ଥାନ | Attendance Gyan Bhai |
| 10:20 – 10:25 | ଭୋଗ ନିବେଦନ ଓ ପ୍ରସାଦ ସେବନ | Bhoga Nibedana o Prasada Sebana |

### ଫୁଲ ସଞ୍ଜ ବେଳେ

ଫୁଲ ସଞ୍ଜ ବେଳେ ଶ୍ରୀଚରଣ ତଳେ ପ୍ରଣତି ଘେନ ଠାକୁର
ଅପରାଧି ଜନ କରୁଛି ଜଣାଣ ସବୁ ଦୋଷ କ୍ଷମା କର ।୦।

ନ ଜାଣେ ଭକତି ସହଜେ କୁମତି ଚଞ୍ଚଳ ମତି ମୋହର
ତୁମ ବିନେ ସତେ କିଏ ଏ ଜଗତେ ଚିତ୍ତ ମୋ କରିବ ସ୍ଥିର ।୧।

ମୋ ମନ କୁଟୀର ମୁକୁଳା ଦୁଆର ଅନାଇଁ ବାଟ ତୁମର
ପାତିଛି ଆସନ ଗୁନ୍ଥିଛି ସୁମନ ଗଳେ ଲମ୍ବାଇବି ହାର ।୨।

ଭବ ସାଗରେ ମୋ ତରୀ ଟଳମଳ ତୁମେ ନାଉରିଆ ମୋର
ଷଡ ରିପୁ ଆସି ପିଟନ୍ତି ବତାସି ତୁମେ କରିବ ହେ ପାର ।୩।

ଜୀବନ ଆକାଶେ ବେଳ ବୁଡି ଆସେ ତୁମେ ଏକା ଚାନ୍ଦ କର
ଦାସ ପଣେ ଘେନ କରୁଛି ଜଣାଣ କର ଭବନଦୀ ପାର ।୪।

### ମିଛେ ମିଛେ ଘୁରି ମରେଁ ମୁଁ ସିନା

ମିଛେ ମିଛେ ଘୁରି ମରେଁ ମୁଁ ସିନା
ଇଚ୍ଛାମୟ ତୁମେ ଯହିଁ ତହିଁ ଥାଅ
ସବୁ ଜାଣୁ ଜାଣୁ ମୁଁ ଯେ ଅଜଣା ।୦।

ଚଉକତି ଖୋଜିବୁଲେ ଦରଶନ ପାଇଁ
ତୁମେ ମୋତେ ଦେଖ ରଖ ବାରି ପାରେ ନାହିଁ
ଅତୁଳନ ସତେ ତୁମ କରୁଣା ।୧।

କୋଟି ଅପରାଧ ମୋର ନ ଧର ଗୋସାଇଁ
କ୍ଷମା କର ହସି ହସି କୋଳରେ ବସାଇ
ସେ ଆଦର କେ କରିବ କଳନା ।୨।

ମଥା ପାତି ନେବି ଯେବେ ଦିଅ ଦୁଃଖ ଭାର
ତେବେ ହେଲେ ନ ଛାଡିବି ସେ ବେନି ପୟର
ଆହା ବୋଲି ସାହା ହେବ ତ ଜଣା ।୩।

## ଧନ୍ୟ ଧନ୍ୟ ଗୁରୁଦେବ

ଧନ୍ୟ ଧନ୍ୟ ଗୁରୁଦେବ ଶ୍ରୀନିଗମାନନ୍ଦ
ବିତରିଗଲ ଭକତେ ଅତୁଳ ଆନନ୍ଦ
ତୁମ ଉପଦେଶ ଯେତେ
ହେଉ ଜୀବନର ଚିର ସାଥୀ ଏ ମରତେ ।୧।

ବିଧିବରେ ଭାଗ୍ୟବନ୍ତ ଜନନୀ ପିଅର
ରଖିଲେ ନଳିନୀକାନ୍ତ ନାମଟି ତୁମର
ତୁମେ ଧରାକୁ ଆସିଲ
ଭକତି କମଳ ଜୀବ ମନେ ଫୁଟାଇଲ ।୨।

ପିନ୍ଧି ଡୋର କଉପିନି କଣ୍ଠେ ବାନ୍ଧି ମାଳି
ଭକତି ବିହୁନେ ମିଳିବେ କି ବନମାଳି
ଶିଖାଇଲ ତୁମେ ଜନେ
ଘରେ ବସି ଡାକଦେଲେ ମିଳିବେ ସେ ଦିନେ ।୩।

ଆଖି ଆଗେ ସିନା ତୁମ ମର ଦେହ ନାହିଁ
କଥା କହୁଅଛ ତୁମେ ପାଶେ ପାଶେ ରହି
ମନ ପୁରାଇ ଡାକିଲେ
ଆଖି ପିଛୁଳାକେ ଆସି ଦେଖା ଦିଅ ଭଲେ ।୪।

ଥାଅ ପଛେ ଦୂରେ ତୁମ ଉପଦେଶ ବାଣୀ
ଶୁଭୁଥାଉ କାନେ କାନେ ଏତିକି ମାଗୁଣି
ଜୟ ହେ ଚିର ଅମର
ଘେନା କର ଚରଣରେ ଭକତି ଜୁହାର ।୫।

## ଗୁରୁନାରାୟନ

ଗୁରୁନାରାୟନ କରି ନିବେଦନ
ଥାକେ ଯେନ ମନ ତବ ଶ୍ରୀଚରନେ
ଆମି ଅତି ଦୀନ ଭଜନ ବିହୀନ
କୃପା କର ପ୍ରଭୁ ତବ ନିଜ ଗୁନେ ।୦।

ଯେ ଭାବେ ଯେଖାନେ ଜୀବନେ ମରନେ
ମଜେ ଥାକି ଯେନ ତବ ଗୁନ ଗାନେ
(ତବ) ପ୍ରେମମୟ ମୂରତୀ ଯେନ ନିରବଧି
ଲେଗେ ଥାକେ ଆମାର ଏ ଦୁ'ଟି ନୟନେ ।୧।

(ଆମାର) ଦେହ ମନ ପ୍ରାନ କରି ସମର୍ପନ
ଅବିଚାରେ କରି ଆଦେଶ ପାଲନ
(ତାତେ) ଯାୟ ଯାକ ପ୍ରାନ ଓହେ ଭଗବାନ
(ଯେନ)ଭୁଲିନାଏଁ, ଭୁଲିନାଏଁ, ତୋମାର ହେନ ଧନେ ।୨।

(ଆମି) ଭୁଲିନାଏଁ ଭୁଲିନାଏଁ -
ତୋମା ହେନ ଧନେ ଯେନ - ଭୁଲିନାଏଁ ଭୁଲିନାଏଁ
ଓ ରାଙ୍ଗା ଚରନ ଯେନ - ଭୁଲିନାଏଁ ଭୁଲିନାଏଁ
ଜୟଗୁରୁ ଜୟ ନାମ ଯେନ - ଭୁଲିନାଏଁ ଭୁଲିନାଏଁ

ସଂପଦେ ବିପଦେ ଆମି - ଭୁଲିନାଏଁ ଭୁଲିନାଏଁ
ରୋଗେ ଶୋକେ ମହାଦୁଃଖେ - ଭୁଲିନାଏଁ ଭୁଲିନାଏଁ
ଶୟନେ ସ୍ୱପନେ ଯେନ - ଭୁଲିନାଏଁ ଭୁଲିନାଏଁ

(ତୋମାର) ପ୍ରୀତି ଭରା ନାମ ଯେନ - ଭୁଲିନାଏଁ ଭୁଲିନାଏଁ
ପାତକୀ ତାରନ ନାମ - ଭୁଲିନାଏଁ ଭୁଲିନାଏଁ
ଜୟଗୁରୁ ଜୟ ନାମ ଯେନ - ଭୁଲିନାଏଁ ଭୁଲିନାଏଁ
ଯଖନ ଯେଖାନେ ଥାକି ଜୟଗୁରୁ ଜୟ ବଲେ ଡାକି
ଜୟଗୁରୁ ଜୟଗୁରୁ ଜୟଗୁରୁ
....

(ସଦା) ତବ ନାମ ଜପି ତବ ରୂପ ଦେଖି
ତୋମାରି ଆନନ୍ଦେ ଆନନ୍ଦିତ ଥାକି
ତୋମାରି ସେବାୟ ଯେନ ଦିନ ଯାଏ
ଅନ୍ୟ ଆଶା ଯେନ ନାଥାକେ ଜୀବନେ ।୩।